# ଏନ୍‌ଏସି ଘୋଷଣା ଦାବିରେ ଶେରଗଡ଼ ବନ୍ଦ

## ପୂର୍ବ ସରକାର ଘୋଷଣା କରିଥିଲେ, ରାଜନୈତିକ ଆକ୍ରୋଶରୁ ବାଦ୍ ପଡ଼ିଲୁ

ଶେରଗଡ଼, ୬।୯ (ସମିସ)



ପୂର୍ବ ସରକାର ଶେରଗଡ଼କୁ ଏନ୍‌ଏସି ଘୋଷଣା କରିଥିଲେ ଏବଂ ବର୍ତ୍ତମାନର ସରକାର ପୂର୍ବରୁ ଅନୌପଚାରିକ ଭାବେ ଏକ ଏନ୍‌ଏସି ତାଲିକା ଘୋଷଣା କରିଥିଲେ ଏବଂ ଉକ୍ତ ତାଲିକାରେ ଶେରଗଡ଼ର ନାମ ମଧ୍ୟ ରହିଥିଲା। ବର୍ତ୍ତମାନ ସରକାର ଶେରଗଡ଼କୁ ଏନ୍‌ଏସି ତାଲିକାରୁ ବାଦ ଦେଇଛନ୍ତି। ଫଳରେ ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଙ୍ଗଠନ, ବୁଦ୍ଧିଜୀବୀ ଏନ୍‌ଏସି ଘୋଷଣା ଲାଗି ସ୍ୱର ଉତ୍ତୋଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଶେରଗଡ଼ ସହର ବନ୍ଦ ଡାକରା ଦିଆଯାଇଥିଲା। ଶେରଗଡ଼ ଚାରିଛକ ଦେଇ ଯାଇଥିବା ଜାତୀୟ ରାଜପଥ-୩୨୬କୁ ଶେରଗଡ଼ର ସମସ୍ତ ଜନସାଧାରଣ ଅବରୋଧ କରି ବସି ରହିଥିଲେ। ଫଳରେ ଘଣ୍ଟା ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭାରିଯାନ ଅଟକି ରହିଥିଲା। ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ବ୍ଲକ, ଶିକ୍ଷାନୁଷ୍ଠାନ, ତହସିଲ, ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ଶେରଗଡ଼ ସ୍ଥିତ ଚାରିଛକଠାରେ ସହରବାସୀ ଏକତ୍ରିତ ହୋଇ ସରକାରଙ୍କ ଏଭଳି ବିଚିତ୍ର ନୀତିକୁ ନାପସନ୍ଦ କରିବା ସହ ରାଜନୈତିକ ଆକ୍ରୋଶ ଠିକ ନୁହେଁ ବୋଲି ପ୍ରକାଶ କରିବା ସହ ଆମ ସହର ଏନ୍‌ଏସି ଲାଗି ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ତୁରନ୍ତ ଘୋଷଣା କରିବା ଲାଗି ଆହ୍ୱାନ କରିଥିଲେ। ଯଦି ତୁରନ୍ତ ସରକାର ଆମକୁ ଏନ୍‌ଏସିର ମାନ୍ୟତା ପ୍ରଦାନ ନକରନ୍ତି ତେବେ ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇ ପୁଣି ଥରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବୁ। ପ୍ରତିବାଦରେ ବରିଷ୍ଠ ସାମ୍ବାଦିକ ମେଘନାଦ ଦାସ, ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ, ମନୋରଞ୍ଜନ ପାଢ଼ୀ, ସରୋଜ କୁମାର ପ୍ରଧାନ, ହର ପ୍ରସାଦ ଆଚାରୀ, ହୃଷିକେଶ ପାଢ଼ୀ, ବଳରାମ ରାଉତ, ଅବସରପ୍ରାପ୍ତ ଶିକ୍ଷକ ତଥା ସାମ୍ବାଦିକ ଦିଲ୍ଲୀପ କୁମାର ତ୍ରିପାଠୀ, ଗୌରହରି ସାବତ, ବୃନ୍ଦାବନ ଦାସ, ସମୀର ରାଉତ, ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ପଣ୍ଡା, ବାଲୁରାଜୁ ଆଚାରୀ, ମୋହନ ପ୍ରସାଦ ପଣ୍ଡା, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଶ୍ରୀପଦ କୁମାର ଦାସ, ଯୁବ ସଙ୍ଗଠକ ତୋଫାନ କୁମାର ଗୌଡ଼ଙ୍କ ସହିତ ଶେରଗଡ଼ ସହରର ସମସ୍ତ ସଂଘର ସଭାପତି, ସାଧାରଣ ଜନତା ପ୍ରମୁଖ ଉପସ୍ଥିତ ରହି ବନ୍ଦ ପାଳନରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ଲାଗି ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ସିଅଲଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

# ମ୍ୟୁନିସିପାଲିଟିରେ ସାମିଲ ନ ହେବାକୁ ଦାବି

ଛତ୍ରପୁର, ୬।୯ (ସମିସ): ଛତ୍ରପୁର ମ୍ୟୁନିସିପାଲଟିରେ ଅଗସ୍ତିନୂଆଗାଁ ପଞ୍ଚାୟତର ସାନନୋଳିଆ ନୂଆଗାଁ ଓ ବଡ଼ ନୋଳିଆନୂଆଗାଁକୁ ଅନ୍ତର୍ଭୁକ୍ତ ନ କରିବାକୁ ଉଭୟ ଗ୍ରାମବାସୀ ଦାବି କରିଛନ୍ତି। ଏସଂକ୍ରାନ୍ତରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମୁନା ଦାସଙ୍କ ନେତୃତ୍ୱରେ ପଞ୍ଚାୟତ ସମିତିସଭ୍ୟ ତଥା ଛତ୍ରପୁର ବ୍ଲକ ଅଧ୍ୟକ୍ଷ କିରଣ କୁମାରୀ ଦାସ, ସରପଞ୍ଚ ଉର୍ମିଳା ଦାସ ଏବଂ ୱାର୍ଡମେମ୍ବରଙ୍କ ଦସ୍ତଖତ ଥିବା ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳ ଓ ଛତ୍ରପୁର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦାବି ଅନୁସାରେ ନିକଟରେ ଛତ୍ରପୁର ଏନ୍‌ଏସିକୁ ରାଜ୍ୟ ସରକାର ମ୍ୟୁନସିପାଲଟି ଘୋଷଣା କରିଛନ୍ତି। ଏହିକ୍ରମରେ ଏନ୍‌ଏସି ପରିପାଶ୍ୱର୍ରେ ଥିବା ପୋଡାପଦର, ଚିକଲଖଣ୍ଡି, କଣମଣା ଓ ଅଗସ୍ତିନୂଆଗାଁ ପଞ୍ଚାୟତର କିଛି ଗ୍ରାମକୁ ନେଇ ଛତ୍ରପୁର ମ୍ୟୁନିସିପାଲଟି ହେବ। ଏହାକୁ ସ୍ୱାଗତ କରୁଛୁ। ହେଲେ କିଛି ସୂଚନା ପ୍ରକାରେ ଅଗସ୍ତିନୂଆଗାଁର ୨ଟି ମତ୍ସ୍ୟଜୀବୀ ଗ୍ରାମ ତଥା ସାନନୋଳିଆ ନୂଆଗାଁ ଓ ବଡ଼ ନୋଳିଆନୂଆଗାଁକୁ ମଧ୍ୟ ମ୍ୟୁନିସିପାଲଟିରେ ଅନ୍ତର୍ଭୁକ୍ତ କରିବାକୁ ଯୋଜନା କରାଯାଉଛି। ଏହାକୁ ଆମେ ଦୁଇଖଣ୍ଡ ଗ୍ରାମବାସୀ ସହମତି ପ୍ରକାଶ କରୁନାହୁଁ। ବହୁବର୍ଷ ଧରି ଆମ୍ଭର ୨ଟି ଗାଁ ପଞ୍ଚାୟତ ପ୍ରଶାସନ ଅଧୀନରେ ରହି ବିଭିନ୍ନ ପ୍ରକାର ସରକାରୀ ସହାୟତା ପାଉଛୁ। ଏଣୁ ଆମ ଦୁଇଟି ସମ୍ପୂର୍ଣ୍ଣ ମତ୍ସ୍ୟଜୀବୀ ପରିବାରର ସମୁଦ୍ରରୁ ମାଛମାରି ଜୀବନ ଜୀବିକା ନିର୍ବାହ କରୁଛୁ। ମ୍ୟୁନିସିପାଲଟିରେ ଅନ୍ତର୍ଭୁକ୍ତ ହୋଇ ବିଭିନ୍ନ ଟ୍ୟାକ୍ସ ସହ ଆର୍ଥିକ ଭାର ବହନ କରିପାରିବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏପ୍ରସଙ୍ଗରେ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଅକ୍ଷୟ ସ୍ୱାଇଁ, ୱାର୍ଡମେମ୍ବର ଡି.ଏରେୟା, ଏ.କାଳମା, ଏ.ପାପାମ୍ମା ଓ ଏ.ଧର୍ମା, ଏ.ଗୁରେୟା, ଏ.ସନ୍ୟାସୀ, ବି.ମୁସଲେୟା, ଏସ୍.ଗୁରେୟାଙ୍କ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଦୁଇ ଗାଡ଼ିକୁ ଧକ୍କା ଦେଲା ମୁଖ୍ୟମନ୍ତ୍ରୀ ବସ୍

● ଡ୍ରାଇଭର ସମେତ ୫ ଆହତ

ଖଲ୍ଲିକୋଟ, ୬।୯ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କହ୍ନେଇପୁର ଗ୍ରାମରେ ଶନିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ବସ୍ ରାସ୍ତା କଡ଼ରେ ଛିଡା ହୋଇଥିବା ଦୁଇଟି ଗାଡିକୁ ଧକ୍କା ଦେଇଛି। ଗାଡି ଧକ୍କାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି।



ଏହି ଦୁର୍ଘଟଣାରେ ବସ୍ ଡ୍ରାଇଭର ସମେତ ୫ ଯାତ୍ରୀ ଆହତ ହୋଇଛନ୍ତି। ଆଇଟିପୁରରୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ମୁଖ୍ୟମନ୍ତ୍ରୀ ବସ୍ (ନଂ. ଓଡି୦୭ଏଟି-୯୪୧୯) କହ୍ନେଇପୁର ଠାରେ ଏକ ଅଟୋକୁ ଓଭରଟେକ କରିବାକୁ ଯାଇ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ପିକ୍‌ଅପ ଗାଡି ଓ ଏକ ଟ୍ରାକ୍ଟର ଡାଲାକୁ ଧକ୍କା ଦେଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ ବସ ଡ୍ରାଇଭର କୃଷ୍ଣଚନ୍ଦ୍ର ପ୍ରଧାନ, ଜଣେ ମହିଳା ଯାତ୍ରୀ ମନୋରମା ପ୍ରଧାନ ଓ ଅନ୍ୟ ୩ ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ଗଞ୍ଜେଇ ଜବତ; ୨ ଗିରଫ

ଭଞ୍ଜନଗର, ୬।୯ (ସମିସ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡର କିଛି ଥାନା ଅଞ୍ଚଳରେ ଚୋରା ଦେଶୀ, ବିଦେଶୀ ମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁଲିସ ଏବଂ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଏବଂ ମଦ ଜବତ ସହ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରୁଛି। ତଥାପି ସହରର କିଛି ଦୋକାନରେ ଚୋରା ମଦ କାରବାର ଚାଲିଛି। ତେଣୁ ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଶନିବାର ଭଞ୍ଜନଗର ପୁଲିସ ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିପଦରର ନଟବର ସାହୁ ଓ ଭଞ୍ଜନଗର ଥାନା ବଡ଼କୋଦଣ୍ଡା ଛକ ଅଞ୍ଚଳର ରାଜେନ୍ଦ୍ର ପାଢ଼ୀ। ଏନେଇ ଭଞ୍ଜନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ସେମାନଙ୍କଠାରୁ ୧୩ କେଜି ୪୭୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗୋଟିଏ ବାଇକ୍, ୨୮୨୦ ଟଙ୍କା ସମେତ ଦୁଇଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତମାନେ ଗୋଛାପଡ଼ାରୁ ଭଞ୍ଜନଗର ଅଭିମୁଖେ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିଲେ। ଏନେଇ ପୁଲିସ ଖବର ପାଇ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି।



## ମାଛ ଜାଲରେ ଫସିଥିବା ଅଜଗର ଉଦ୍ଧାର

କୁକୁଡାଖଣ୍ଡି, ୬।୯ (ସମିସ): କୁକୁଡାଖଣ୍ଡି ଗ୍ରାମ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ରାଉତ ବନ୍ଧ ପୋଖରୀକୁ ସଂଯୋଗ କରୁଥିବା କଲଭର୍ଟ ଠାରେ ଏକ ୬ ଫୁଟ ଲମ୍ବା ଅଜଗର ସାପ ମାଛ ଜାଲରେ ଫସିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଧିବାସୀମାନେ ଏହାକୁ ଦେଖି ସର୍ପମିତ୍ରଙ୍କୁ ସୂଚନା ଦେଇଥିଲେ। ସର୍ପମିତ୍ର ପି. ଅରବିନ୍ଦ ଦେଶୀ ବେହେରା ସ୍ନେକ ହେଲ୍ପଲାଇନ୍ ସଦସ୍ୟମାନଙ୍କ ସହଯୋଗରେ ସାପକୁ ଜାଲରୁ ମୁକ୍ତ କରିଥିଲେ। ହିଞ୍ଜିଳି ବିଟ୍ ବନପାଳ ଘରମଣୀ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଉକ୍ତ ଅଜଗର ସାପକୁ ଟାମଣା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

## ଗାଇକୁ ଧକ୍କା ଦେଲା ବାଇକ୍; ଦମ୍ପତି ଗୁରୁତର

ଖଲ୍ଲିକୋଟ, ୬।୯ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନାରାୟଣୀ ଛକରେ ଏକ ଗାଇକୁ ଧକ୍କା ଦେଲା ବାଇକ। ଫଳରେ ବାଇକରେ ଥିବା ସ୍ୱାମୀ-ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର କନ୍ଧ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ଭାନୁ ମଲ୍ଲିକ। ଉଭୟେ ଶନିବାର ସକାଳେ ବାଇକ ଯୋଗେ ବାଲୁଗାଁରୁ ନିଜ ଗାଁକୁ ଫେରୁଥିବା ବେଳେ ନାରାୟଣୀ ଛକରେ ହଠାତ ଗାଡ଼ି ଆଗକୁ ଏକ ଗାଇ ଚାଲିଆସିଥିଲା। ନିୟନ୍ତ୍ରଣ ହରାଇ ବାଇକ୍‌ଟି ଗାଇକୁ ଧକ୍କା ଦେଇଥିଲା। ଉଭୟଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଥିଲା। ତେବେ ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ଘର ଜଳିଗଲା

ଚିକିଟି, ୬।୯ (ସମିସ): ଚିକିଟିପେଣ୍ଠ ଶାନ୍ତିନଗର ସାହିରେ ଶନିବାର ସନ୍ଧ୍ୟାରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବାରୁ ଗୋଟିଏ ପରିବାରର ଘର ସାମଗ୍ରୀ ଧ୍ୱଂସ ହୋଇଯାଇଛି। ଶାନ୍ତିନଗରର ନରି ସାହୁଙ୍କ ଘରେ ରୋଷେଇ ସମୟରେ ପୁରୁଣା ସିଲିଣ୍ଡର ସରିଯାଇଥିଲା। ନୂଆ ସିଲିଣ୍ଡର ବଦଳାଇବା ବେଳେ ନରିଙ୍କ ସାନଭାଇ ରବୀନ୍ଦ୍ର ଚେକ୍ କରିବାକୁ ଯାଇଥିଲେ। ଏତିକିବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ରବି ସମସ୍ତ ସଦସ୍ୟଙ୍କୁ ଘରୁ ବାହାର କରିଦେଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ବିଦ୍ୟୁତ ଉପକରଣ, ରୋଷେଇ ସରଞ୍ଜାମ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡ଼ିଯାଇଛି। କିନ୍ତୁ ପ୍ରାଣହାନୀ ଘଟିନାହିଁ।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ




ବ୍ରହ୍ମପୁର, ୬।୯ (ସମିସ): ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରାରମ୍ଭ ଠାରୁ ଯୁକ୍ତ୩ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ଗୁରୁଦିବସ ପାଳିତ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ପୂଜ୍ୟ ଗୁରୁ ଭାବରେ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ଡ.ଦୀପକ କୁମାର ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ. ବଳଭଦ୍ର ତ୍ରିପାଠୀ, ମେଡିକାଲ୍ କ୍ୟାମ୍ପସ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର ନାଥ ମହାନ୍ତି, ଗଣ୍ଡଲା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମହରି ସାହୁ, ଜିତେନ୍ଦ୍ର ନାଥ ମହାନ୍ତି ଏବଂ ଦେବକୀ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ, ସୁମିତ୍ରା ପାଢ଼ୀ, ରେଶ୍ମା ରାଉତ ଏବଂ ପ୍ରଣିତା ଡାକୁଆ। ପ୍ରାରମ୍ଭରେ ପୂଜ୍ୟ ଗୁରୁମାନଙ୍କୁ ନାରିକେଳ ଏବଂ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡିକରେ ମଞ୍ଚାସୀନ ଅତିଥି ଭାବରେ ପରିଚାଳନା ସମିତିର ସଭାପତି ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ରାଜେନ୍ଦ୍ର ଡାକୁଆ, ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଡିଗ୍ରୀ ବିଦ୍ୟା ମନ୍ଦିର ଅଧ୍ୟକ୍ଷ ସୁବ୍ରତ ପାଣିଗ୍ରାହୀ, ଡିନ୍ ବିବେକା ନନ୍ଦ ପଣ୍ଡା, ରାଜେନ୍ଦ୍ର ମୁର୍ତ୍ତି, ଯୁକ୍ତଦୁଇ ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ, ବିଦ୍ୟା ମନ୍ଦିର ସହ-ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଯୁକ୍ତ ୨ପର୍ଯ୍ୟାୟ ପ୍ରମୁଖ ସ୍ୱାରାଜ୍ୟ ମାଝି ଓ ଶିଶୁ ମନ୍ଦିର ପର୍ଯ୍ୟାୟ ପ୍ରମୁଖ ଅନିଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ରୋଟାରୀ କ୍ଲବ ଇଷ୍ଟର ଗୁରୁ ପୂଜନ




ବ୍ରହ୍ମପୁର, ୬।୯ (ସମିସ): ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଗୁରୁ ଦିବସରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ଡ଼. ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦେଇ ପ୍ରାଚୀନ ଶିକ୍ଷା ପ୍ରଣାଳୀ ଓ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁନୀଲ ମୋହନ ପଟ୍ଟନାୟକ ଓ ବିଶିଷ୍ଟ ଅତିଥି ଭାବେ ରୋଟାରୀ ଜୋନ ୮ ର ଜୋନାଲ ଚେୟାରମ୍ୟାନ ଡ଼. ରଞ୍ଜିତ କୁମାର ପାଢ଼ୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୪୮ ଜଣ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମେଶ୍ୱରୀ ନନ୍ଦ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିବା ବେଳେ ସମ୍ପାଦକ ଅଶ୍ୱନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ସହ ପ୍ରାନ୍ତପାଳ ଝରଣା ପଣ୍ଡା, କ୍ଲବର ଲିଟେରାସି ଚେୟାରମ୍ୟାନ କାମରାଜୁ ମହାରଣା, ପୂର୍ବତନ ସଭାପତି ଡା. ସମ୍ବିତ ବେଗ୍ରାୟ, ଅଜିତ ପୃଷ୍ଟି, ଅସିତ ଦତ୍ତ, ଡ଼. ସରିତା ବେଗ୍ରାୟ ଓ ସୁମିତ ପଟ୍ଟନାୟକ, ଜୟନ୍ତ କିଶୋର ପାତ୍ର, ନାରସୁ ଜେନା ଓ ଏସ. ଦୁର୍ଗା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆରା ଢଙ୍ଗରେ ଗୁରୁଦିବସ ପାଳିଲେ ଆର୍ଯ୍ୟଭଟ୍ଟ ଛାତ୍ରଛାତ୍ରୀ



ବ୍ରହ୍ମପୁର, ୬।୯ (ସମିସ): ଆର୍ଯ୍ୟଭଟ୍ଟରେ ନିଆରା ଢଙ୍ଗରେ ଗୁରୁ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ପଦାର୍ଥ ବିଜ୍ଞାନ ଶିକ୍ଷକ ତଥା ବିଶିଷ୍ଟ ପରିବେଶବିତ୍ ସୁଧିର ରାଉତଙ୍କ ପୁରାତନ ଛାତ୍ରଛାତ୍ରୀ ସମବେତ ହୋଇ ଗୁରୁଦିବସ ପାଳନ କରିଥିଲେ। ଶିକ୍ଷା ସହ ପରିବେଶ ସୁରକ୍ଷା ପ୍ରତି ଗୁରୁ ଦେଇଥିବା ବାର୍ତ୍ତାକୁ ସମାଜ ଆଗରେ ବାଣ୍ଟିବା ଲାଗି ଛାତ୍ରଛାତ୍ରୀ ପ୍ରୟାସ କରିଥିଲେ। ପରିବେଶ ସୁରକ୍ଷାବ୍ରତୀ ଶିକ୍ଷକଙ୍କୁ ଗୁରୁ ଦିବସରେ ସମ୍ମାନ ଜଣାଇବା ପାଇଁ ଛାତ୍ରଛାତ୍ରୀମାନେ ପରିବେଶକୁ ସୁରକ୍ଷିତ ରଖିବାକୁ ଓ ସୁରକ୍ଷାର ବାର୍ତ୍ତା ପ୍ରସାର କରି ନିଜ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ଶପଥ ପାଠ କରିଥିଲେ। ପରେ କିଛି ବର୍ତ୍ତମାନ ଓ ପୂର୍ବତନ ଛାତ୍ରଛାତ୍ରୀ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ସ୍ୱେଚ୍ଛାସେବୀଙ୍କ ସହ ବନୀକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏମାନଙ୍କ ସହ ବ୍ରହ୍ମପୁରର ଏକ ଘରୋଇ ବୈଷୟିକ ଅନୁଷ୍ଠାନର ସଦ୍ୟ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଏକ ପ୍ରତିଷ୍ଠିତ ବ୍ୟବସାୟୀକ ପ୍ରତିଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଠାରେ ଚାରାରୋପଣ ସହ ୧୦ହଜାର ମଞ୍ଜି ଗୁଳା ଫିଙ୍ଗା ଯାଇଥିଲା। ଏଥିସହ ୩୦ହଜାର ମଞ୍ଜି ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଧୀର ରାଉତଙ୍କ ସମେତ ସାମାଜିକକର୍ମୀ ଆଦିତ୍ୟ ନାରାୟଣ ରଥ, ପୂର୍ବତନ ସରପଞ୍ଚ ମାଧବ ନାୟକ, ଘନଶ୍ୟାମ, ଶୁଭେନ୍ଦୁ ପାତ୍ର, ନିର୍ମାଲ୍ୟ ରାଉତ, ଜ୍ୟୋତି ଦାସ ପ୍ରମୁଖ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।




## ସାର ଗୋଦାମ ଓ ଦୋକାନରେ ଚଢ଼ଉ

ଛତ୍ରପୁର, ୬।୯ (ସମିସ): ସାରର ଅଭାବୀ ବିକ୍ରି ଅଭିଯୋଗ ପରେ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ କୃଷି ଅଧିକାରୀ ତଥା ଫର୍ଟିଲାଇଜର ଇନ୍ସପେକ୍ଟର ନିହାର ରଞ୍ଜନ ଦାଶ, କୃଷି ଅଧିଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ ଓ ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସ୍ୱାଇଁ ବିଭିନ୍ନ ସାର ଦୋକାନ, ଗୋଦାମ ଗୃହ ଓ ସମବାୟ ସମିତି ଯାଇ ସମସ୍ତ ନଥିପତ୍ର, ଷ୍ଟକ ରେଜିଷ୍ଟର, ବିକ୍ରୟ ରେଜିଷ୍ଟର ତଦାରଖ କରିଥିଲେ। କୌଣସି ପରିସ୍ଥିତିରେ ଚାଷୀଙ୍କୁ ଚଢ଼ା ଦରରେ ସାର ବିକ୍ରୟ ନ କରିବାକୁ ତାଗିଦ କରିଥିଲେ। ଯଦି କୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ବିକ୍ରେତା ଚଢ଼ା ଦରରେ ସାର ବିକ୍ରୟ କରିବା ଦୃଷ୍ଟିକୁ ଆସେ ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଛନ୍ତି। ଆଜି ଛତ୍ରପୁର ବ୍ଲକର ୭ଟି ସମବାୟ ସମିତିକୁ ୧୦୦ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲ୍ଲା କୃଷି ବିଭାଗ ତରଫରୁ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସାର କଳାବଜାରୀ ରୋକିବାକୁ ପଦକ୍ଷେପ ନିଆଯାଉଛି। ସାର ଅଭାବ ଓ କଳାବଜାରୀ ରୋକିବାକୁ ଗତ ୫ ତାରିଖରେ ଆସିଥିବା ୧୮୦୦ ମେଟ୍ରିକ୍ ଟନ୍ ୟୁରିଆ ସାରକୁ ସମ୍ପୂର୍ଣ୍ଣ ରୂପେ ୨୨ ଗୋଟି ବ୍ଲକର ୧୨୬ ଗୋଟି ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକସ) ଜରିଆରେ ଚାଷୀ ମାନଙ୍କୁ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି। ଯଥାଶୀଘ୍ର ପର୍ଯ୍ୟାପ୍ତ ପରିମାଣର ୟୁରିଆ ଆସି ପହଞ୍ଚିବା ନେଇ ବ୍ୟବସ୍ଥା କରାଯାଇଛି। ତେଣୁ ଭୟଭୀତ ହୋଇ କୌଣସି ଚାଷୀ ଚଢ଼ା ଦରରେ ସାର ନକିଣିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ସିଲ୍କନାନୋ ଜେଲ୍ ଇଞ୍ଜେକ୍ଟର ଡିଭାଇସ୍‌କୁ ଭାରତ ସରକାରଙ୍କ ଅନୁମୋଦନ

ବ୍ରହ୍ମପୁର, ୬।୯ (ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଧ୍ୟାପକ ପଦ୍ମ ଲୋଚନ ହେମ୍ବ୍ରମଙ୍କ ସମେତ ଇରାନର ଜଣେ, ବେଙ୍ଗାଲୁରୁ ୨ଜଣ ଏବଂ ଓଡ଼ିଶାର ୬ଜଣ ଗବେଷକ, ଗବେଷିକାଙ୍କ ମିଳିତ ଉଦ୍ୟମରେ ସିଲ୍କନାନୋ ଜେଲ୍ ଇଞ୍ଜେକ୍ଟର ଡିଭାଇସ୍ ମଡେଲ ପ୍ରସ୍ତୁତି ହୋଇଛି। ଏହି ମଡେଲ ପ୍ରସ୍ତୁତି କରିବାକୁ ପ୍ରାୟ ୨ବର୍ଷ ସମୟ ଲାଗିଥିଲା। ଏହି ମଡେଲଟିକୁ ଚଳିତ ବର୍ଷ ମେ' ୧୫ରେ ଭାରତ ସରକାରଙ୍କ ପେଟେଣ୍ଟ କାର୍ଯ୍ୟାଳୟରେ ପଞ୍ଜିକୃତ କରାଯାଇଥିଲା। ସେଠାରେ ଏହାକୁ ତର୍ଜମା କରି ଅଗଷ୍ଟ ୨୯ରେ ଭାରତ ସରକାରଙ୍କ ପକ୍ଷରୁ ଅନୁମୋଦନ ପତ୍ର ମିଳିଥିଲା। ଏନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଧ୍ୟାପକ ପଦ୍ମ ଲୋଚନ ହେମ୍ବ୍ରମଙ୍କ ସହ ଯୋଗାଯୋଗ





ବେଳେ ସେ କହିଛନ୍ତି ଯେ, ପୃଥିବୀରେ ଏହି ମଡେଲଟି ପ୍ରଥମ। ସିଲ୍କନାନୋ ଜେଲ୍ ଇଞ୍ଜେକ୍ଟର ଡିଭାଇସ୍ ହେଉଛି ଏକ ନୂତନ ପ୍ଲାଟଫର୍ମ, ଯାହା ନିୟନ୍ତ୍ରିତ ଓ ଲକ୍ଷ୍ୟଭିତ୍ତିକ ଔଷଧ ପ୍ରଦାନ ପାଇଁ ବ୍ୟବହୃତ ହୁଏ। ସିଲ୍କ ଫାଇବ୍ରୋଇନ୍ ଆଧାରିତ ନାନୋଜେଲ୍ ବ୍ୟବହାର କରି, ଏହାରେ ଜୀବସହିଷ୍ଣୁତା, ଜୀବ-ବିଲୟନଶୀଳତା ଓ ସମନ୍ୱୟଶୀଳ ଯାନ୍ତ୍ରିକ ଶକ୍ତି ଥାଏ। ଯାହା ନିରାପଦ ଔଷଧ ପ୍ରଶାସନକୁ ସୁନିଶ୍ଚିତ କରେ। ଏହି ଇଞ୍ଜେକ୍ଟର ରୋଗାକ୍ରାନ୍ତ ତନ୍ତ୍ରକୁ ସିଧାସଳଖ ଔଷଧ ଦେଇ, ସାରା ଶରୀରରେ ହେବାକୁ ଥିବା ପ୍ରତିକୂଳ ପ୍ରଭାବକୁ କମାଇଥାଏ ଓ ଚିକିତ୍ସାକୁ ଅଧିକ କାର୍ଯ୍ୟକ୍ଷମ କରେ। ଏହାର ନାନୋ-ସ୍ତରୀୟ ଗଠନ ଦ୍ୱାରା ବିଭିନ୍ନ ପ୍ରକାର ଔଷଧ ପ୍ରୋଟିନ୍, ପେପ୍ଟାଇଡ୍ ଓ ସ୍ମଲ୍ ମଲିକ୍ୟୁଲ୍ ସହଜରେ ଗୋଟେଇ ଏନକାପସୁଲେଟ କରାଯାଇ, ଦୀର୍ଘକାଳୀନ ଓ ପ୍ରୋଗ୍ରାମ୍‌ଡ୍ ରିଲିଜ୍ ପ୍ରୋଫାଇଲ୍ ଦେଇଥାଏ। ଏହି ପ୍ରଣାଳୀ କ୍ୟାନ୍ସର, ବିଭିନ୍ନ ଘା, କ୍ଷତ ସ୍ଥାନ, ପୁନଃର୍ଜନନ ଚିକିତ୍ସାରେ ବିଶେଷ ଉପକାରୀ। ସଠିକ୍ ଭାବରେ ଔଷଧ ପ୍ରଦାନ କରି, କମ୍ ଆକ୍ରାମକ ଉପାୟରେ ରୋଗୀଙ୍କ ଫଳାଫଳକୁ ଉନ୍ନତ କରେ। ସିଲ୍କନାନୋ ଦ୍ୱାରା ବିଭିନ୍ନ ରୋଗର ଭିନ୍ନ ଭିନ୍ନ ପ୍ରକାର ଔଷଧର ପରିମାଣ ପ୍ରୟୋଗ କରି ସଠିକ ସ୍ଥାନରେ ପହଞ୍ଚିବ। ଔଷଧର ପ୍ରୟୋଗକୁ ଓ ଫଳାଫଳକୁ ମନିଟରରେ ଦେଖିବା ସହ ଟ୍ରାକିଙ୍ଗ ମଧ୍ୟ କରାଯାଇପାରିବ ବୋଲି କହିଛନ୍ତି। ଆଗାମୀ ଦିନରେ ଏହା ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରାଯିବ। ଏହାଦ୍ୱାରା ଲୋକେ ଉପକୃତ ଚିକିତ୍ସା ସହ କମ୍ ପରିମାଣର ଔଷଧ ବ୍ୟବହାର ହୋଇ ପାରିବ ବୋଲି କହିଛନ୍ତି। ସେ ପୂର୍ବରୁ ଗଛ ମାନଙ୍କରେ ଜିନ ପ୍ରୟୋଗ କରି ଏହାକୁ ମଣିଷ ପାଇଁ କିଭଳି ବ୍ୟବହାର ହେବ, ସେହିଠାରୁ ହିଁ ମଡେଲ ପ୍ରସ୍ତୁତି ପାଇଁ ପ୍ରୟାସ ଆରମ୍ଭ କରିଥିଲେ ବୋଲି କହିଛନ୍ତି। ଏହି ଭଳି ମଡେଲ ପ୍ରସ୍ତୁତି କରି ଭାରତ ସରକାରଙ୍କ ଠାରୁ ଅନୁମଦନ ପତ୍ର ପାଇଁ ଥିବାରୁ ବିଶ୍ୱବିଦ୍ୟାଳୟରେ ପ୍ରଶଂସା ସୁଅ ଛୁଟିଛି।

# ଗଜପତିରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ କଲା କଂଗ୍ରେସ




**ପାରଳାଖେମୁଣ୍ଡି, ୬।୯(ସମିସ):** ଜାତୀୟ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିଷ୍ପତ୍ତି କ୍ରମେ ଗଜପତି ଜିଲ୍ଲାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ କରିଛି କଂଗ୍ରେସ। ଏହି ଅଭିଯାନ ଆରମ୍ଭ ଅବସରରେ ପ୍ରଥମ କରି ଗୋଷାଣି ବ୍ଲକର କଂଗ୍ରେସ କର୍ମୀ ଓ ନେତାଙ୍କ ସହ ଆଲୋଚନା କରିଛନ୍ତି ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଏନ୍.ରଘୁବୀରା ରେଡ୍ଡୀ। ପାରଳାଖେମୁଣ୍ଡି ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରେଡ୍ଡୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ଅଭିଯାନର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ କାର୍ଯ୍ୟପନ୍ଥା ବିଷୟରେ କହିଥିଲେ। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଗଜପତି ଜିଲ୍ଲାର ସାତଟି ବ୍ଲକ ଓ ପାରଳାଖେମୁଣ୍ଡି ଓ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀକୁ ସାମିଲ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଶଙ୍କର ଖୁଣ୍ଟିଆ, ନିରୂପମା ପାତ୍ର, କୃଷ୍ଣଚନ୍ଦ୍ର ପତି ଓ ଚିନ୍ମୟ ବେଉରା ମଞ୍ଚାସୀନ ଥିବା ବେଳେ କାର୍ଯ୍ୟକ୍ରମକୁ ସଞ୍ଜୟ ଅଧିକାରୀ, ଅଶୋକ ଅଧିକାରୀ, ଈଶ୍ୱର ଚନ୍ଦ୍ର ମାଝୀ, ଜସ୍ମିନ୍ ଶେଖ୍, ରଞ୍ଜିତା ପାଣିଗ୍ରାହୀ ଓ ଲିଲିମା କାର୍ଯୀ ପରିଚାଳନା କରିଥିଲେ।

## ଶସ୍ତାରୁ ହୀନସ୍ତା ହେଉଛନ୍ତି ଲୋକେ

# କୋଟିଏରୁ ଊର୍ଦ୍ଧ୍ୱ ଠକିନେଲା କମ୍ପାନି; କାର୍ଯ୍ୟାନୁଷ୍ଠାନ ଶୂନ

ପୋଲସରା, ୬।୯(ସମିସ)




ପୋଲସରା ଥାନା ଅନ୍ତର୍ଗତ ପାଟଣାପଦର ଛକ ଠାରେ ଖୋଲିଥିବା ରୋଜା ଟ୍ରେଡ଼ର୍ସ ଆଣ୍ଡ ଅର୍ଡର ସପ୍ଲାୟର୍ସ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଚମ୍ପଟ ମାରିବା ଘଟଣାକୁ ମାସେ ବିତିଲାଣି। ମାତ୍ର ପୁଲିସ ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ। କେବଳ ହାତଗଣତି କିଛି ଅଭିଯୋଗକୁ ଗ୍ରହଣ କରିଥିଲେ ମଧ୍ୟ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ତେଜୁଥିବାବେଳେ ଟଙ୍କା ଫେରି ପାଇବା ଆଶ ବି ମଉଳୁଛି। କେବଳ ସେତିକି ନୁହେଁ ଏଯାଏ ଉକ୍ତ ଦୋକାନ ଗୃହ ସିଲ୍ ହୋଇନଥିବାରୁ ଭିତରେ ଥିବା ଜିନିଷର ସ୍ଥିତିକୁ ନେଇ ମଧ୍ୟ ଗ୍ରାହକଙ୍କ ମଧ୍ୟରେ ସନ୍ଦେହ ଉପୁଜିଛି। ଗତ ମାସ ୯ ତାରିଖରେ ପୋଲସରା ପୁଲିସର କିଛି ଅଧିକାରୀ ଦୋକାନ ନିକଟକୁ ଆସି ଲୋକଙ୍କ ଅଭିଯୋଗ ନେଇଥିବା ବେଳେ ଓ ଆଉ କିଛି ଗ୍ରାହକ ଥାନାକୁ ଯାଇ ଅଭିଯୋଗ କରିଥିଲେ। କିନ୍ତୁ ମାସେ ପୂରିଲେ ମଧ୍ୟ ପୁଲିସ କି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇନି ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଦୋକାନ ତାଲା ଭାଙ୍ଗି ଭିତରେ ଥିବା ଜିନିଷ ଗଣତି ସହ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ନିବେଦନ କରିଛନ୍ତି। ସେହିପରି ଘର ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରକୁ ନେଇ କେଉଁ କାଗଜପତ୍ର ଆଧାରରେ ଓ ଏଗ୍ରିମେଣ୍ଟ ବେଳେ କଣ କଣ ପରିଚୟ ପତ୍ର ଦେଇଥିଲା କମ୍ପାନୀ ତାକୁ ନେଇ ପଚାଉଚରା କଲେ ଆଉକିଛି ତଥ୍ୟ ହସ୍ତଗତ ହୋଇପାରିବ ବୋଲି କିଛି ଗ୍ରାହକ ଦାବି କରିଛନ୍ତି।

ପ୍ରକାଶଥାଉକି, ଗତ ଜୁଲାଇ ମାସରେ ପୋଲସରା ମୁଖ୍ୟ ରାସ୍ତା ପାଟଣାପଦର ଛକରେ ତାମିଲନାଡୁରୁ ଆସି ଖୋଲିଥିବା ରୋଜା ଟ୍ରେଡ଼ର୍ସ ଆଣ୍ଡ ଅର୍ଡର ସପ୍ଲାୟର୍ସ ନାମକ ଏକ ସଂସ୍ଥା ବିଭିନ୍ନ ନାମିଦାମୀ ଜିନିଷ ଶସ୍ତାରେ ବିକ୍ରି କରୁଥିଲା। ପ୍ରାରମ୍ଭରେ ଗ୍ରାହକଙ୍କଠୁ ଅଗ୍ରୀମ ପଇସା ନେଇ ସମୟରେ ଜିନିଷ ଦେଉଥିଲା। ଶସ୍ତାରେ ସାମଗ୍ରୀ ମିଳୁଥିବା ଯୋଗୁଁ ଏହି ଖବର ଚାରିଆଡ଼େ ବିଜୁଳି ବେଗରେ ବ୍ୟାପିଗଲା ଓ ଲୋକଙ୍କ ଅସମ୍ଭାଳ ଭିଡ଼ ଜମିଲା। ଯାହାର ସିଧା ଫାଇଦା ଉଠାଇଥିଲା ସଂସ୍ଥା। ଲୋକଙ୍କୁ ନିଜ ଅଫର ଜାଲରେ ବାନ୍ଧି ଅଫର ଦେଇ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇ କେଉଁଆଡେ ଚମ୍ପଟ ମାରିଥିଲା।

# ଗଞ୍ଜାମ ଜିଲ୍ଲା (ପୂର୍ବ) କଂଗ୍ରେସ ସଭାପତି ଚୟନ ପାଇଁ ପ୍ରୟାସ



**ଛତ୍ରପୁର, ୬।୯(ସମିସ):** କଂଗ୍ରେସ ପକ୍ଷରୁ ଗଞ୍ଜାମ ଜିଲ୍ଲା (ପୂର୍ବ) ସଭାପତି ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଛତ୍ରପୁର ସ୍ଥିତ ଲିସା ଗ୍ୟାଲେକ୍ସି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଆଇସିସିର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ରାମଲାଲ୍ ଝାଟ୍ ଯୋଗଦେଇ ବ୍ୟକ୍ତିଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ସାଙ୍ଗରେ ନେଇ ଦଳ ପାଇଁ କାମ କରୁଥିବା ବ୍ୟକ୍ତିଙ୍କ ଏକ ତାଲିକା ଏଆଇସିସିକୁ ପ୍ରଦାନ କରାଯିବ ବୋଲି କହିଥିଲେ। ବର୍ତ୍ତମାନ ଦେଶରେ କଂଗ୍ରେସ ପ୍ରତି ଲୋକଙ୍କ ଆସ୍ଥା ବଢ଼ିବାରେ ଲାଗିଛି ଓ ରାହୁଲ ଗାନ୍ଧୀଙ୍କ କ୍ରେଜ୍ ବଢୁଛି। ଦେଶର ବିଭିନ୍ନ କୋଣରେ ଜନସମ୍ପର୍କ ପଦଯାତ୍ରା କରି ସେ ଦେଶବାସୀଙ୍କୁ ବିଜେପି ସରକାରର ଜନବିରୋଧୀ କାର୍ଯ୍ୟ ନେଇ ସଚେତନ କରୁଛନ୍ତି। ଏଣୁ ଆଗାମୀ ଦିନରେ ତୃଣମୂଳସ୍ତରରେ ସଂଗଠନକୁ କିପରି ସୁଦୃଢ଼ କରାଯାଇପାରିବ ସେଥିପ୍ରତି ସେ ବରିଷ୍ଠ, ଯୁବବର୍ଗର ହେଉ କିମ୍ବା ମହିଳା ହୁଅନ୍ତୁ ସେଭଳି ବ୍ୟକ୍ତିଙ୍କୁ ଏହି ତାଲିକାରେ ସ୍ଥାନ ମିଳିବା ଆବଶ୍ୟକ ରହିଛି। ଛତ୍ରପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାଗିରଥି ବେହେରା ଦଳର ସଂଗଠନ ସ୍ଥିତି ନେଇ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ହିଞ୍ଜିଳି ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ପାଣିଗ୍ରାହୀ, ଓଡ଼ିଶା ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଜାକବ୍ ପ୍ରଧାନ ଓ ବିଜାନ୍ ନାୟକ, ବରିଷ୍ଠ ନେତା ଗଣପତି ବାରିକ, ପୂର୍ବତନ ସରପଞ୍ଚ ଡି.ରାମସ୍ୱାମୀ ରେଡ୍ଡୀ ଓ ଟି.କ୍ରିଷ୍ଣାରେଡ୍ଡୀ, ପିସିସି ସଭ୍ୟ ଚକ୍ରପାଣି ପଲାଇ, ରାଜ୍ୟ କଂଗ୍ରେସ ଛାତ୍ର ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ଼, ଛତ୍ରପୁର ନଗର ସଭାପତି କାଳିଆ ରାଉଳ, କାଳୁଚରଣ ତ୍ରିପାଠୀ, ମହିଳା ନେତ୍ରୀ କୁନି ନାୟକଙ୍କ ସମେତ ବହୁନେତା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଲେ ରମାକାନ୍ତ

**କାଶୀନଗର, ୬।୯(ସମିସ):** ଗଜପତି ଜିଲ୍ଲା କାଶୀନଗର ସହର ୯ନଂୱାର୍ଡରେ ଥିବା ବାଳିକା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରମାକାନ୍ତ ହୋତା ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି। ଶୁକ୍ରବାର ପାରଳାଖେମୁଣ୍ଡି ମହେନ୍ଦ୍ରଗିରି ହାଇସ୍କୁଲ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି ଶିକ୍ଷକ ରମାକାନ୍ତ।



ଉକ୍ତ କାର୍ଯ୍ୟକ୍ରମରେ ପାରଳା ବିଧାୟକ ରୂପେଶ୍ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗୋମଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ସିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ଯୋଗ ଦେଇଥିଲେ। ପୁରସ୍କାର ପାଇଥିବା ଯୋଗୁଁ ଶିକ୍ଷକ ରମାକାନ୍ତଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଆବାସ ଯୋଜନାକୁ ଚାହିଁ ବସିଛନ୍ତି କୁମାରୀ

**ଭଞ୍ଜନଗର, ୬।୯(ସମିସ):** ଭଞ୍ଜନଗର ବ୍ଲକ ଘୋଡ଼ାଦାଣ୍ଡି ନିକଟରେ ଏକ ସରକାରୀ ଜମିରେ ଆଜକୁ ୫୦ ବର୍ଷ ହେବ କୁଡ଼ିଆ ଘରେ ଶୁକୁଟା ନାଇକ ଓ ବିଜୟ ନାଇକ ରହୁଛନ୍ତି। ୫ ବର୍ଷ ପୂର୍ବରୁ ଶୁକୁଟାଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ତାଙ୍କ ସ୍ତ୍ରୀ କୁମାରୀ ଏବଂ ଝିଅ, ଜ୍ୱାଇଁ, ନାତି ରହୁଛନ୍ତି। ଆଉ ଗୋଟିଏ ଘରେ ବିଜୟ ରହୁଛନ୍ତି। ସେମାନଙ୍କ ନାମରେ ଜମି ନ ଥିବାରୁ ଆବାସ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିକଳ୍ପ ବ୍ୟବସ୍ଥା କରି ସରକାର ବିଜୟ ଏବଂ କୁମାରୀଙ୍କ ଜ୍ୱାଇଁଙ୍କୁ ପକ୍କା ଘର ଯୋଜନାରେ ସାମିଲ କରିଥିଲେ। ବର୍ତ୍ତମାନ ଉକ୍ତ ଘର କାମ ଚାଲିଛି। କିନ୍ତୁ କୁମାରୀଙ୍କୁ ପକ୍କା ଘର ମିଳିନାହିଁ। ଅନ୍ୟପଟେ ବିଜୟଙ୍କୁ ୬୭ ବର୍ଷ ହୋଇଥିଲେ ମଧ୍ୟ ତାଙ୍କୁ ଭତ୍ତା ମିଳିନାହିଁ। ବିଜୟଙ୍କ ରାସନକାର୍ଡ ଥିବାରୁ ଚାଉଳ ପାଉଛନ୍ତି। କୁମାରୀ ମଧ୍ୟ ଚାଉଳ ଭତ୍ତା ପାଉଛନ୍ତି। କିନ୍ତୁ କୁମାରୀ ଯେଉଁ କୁଡ଼ିଆ ଘରେ ରହୁଛନ୍ତି ତାହା ବିପଦସଂକୁଳ ଅବସ୍ଥାରେ ଅଛି। ସରକାର ତରଫରୁ ଆବାସ ଯୋଜନାରେ ତାଙ୍କୁ ପକ୍କାଘର ଖଣ୍ଡେ ହେଲେ କୁମାରୀଙ୍କୁ ଘର ଓ ବିଜୟଙ୍କୁ ଭତ୍ତା ଯୋଗାଇ ଦେବାକୁ ଉଭୟ ନିବେଦନ କରିଛନ୍ତି।



# ବିଦ୍ୟାଳୟ ପରିସର ପାଲଟିଛି ପୋଖରୀ

**ପାରଳାଖେମୁଣ୍ଡି, ୬।୯(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଡ୍ରେନେଜ୍ ବ୍ୟବସ୍ଥା ଶୋଚନୀୟ ହୋଇପଡ଼ିଛି। ନିଷ୍କାସନ ନହୋଇ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ସେଣ୍ଟ ଜୋସେଫ୍ ସ୍କୁଲରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ଗତ କିଛିଦିନ ହେବ ଲଗାଣ ବର୍ଷା ଯୋଗୁଁ ବିଦ୍ୟାଳୟ ପରିସରରେ ପାଣି ଜମି ରହି କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି କରୁଛି। ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଥିଲେ। ଶୁକ୍ରବାର ଜମି ରହିଥିବା ଜଳକୁ ନିଷ୍କାସନ ପାଇଁ ଅଗ୍ନିଶମ ବିଭାଗର ସହାୟତା ନିଆଯାଇଥିଲା। ମୋଟର ପମ୍ପ ସାହାଯ୍ୟରେ ପାଣି ବାହାର କରାଯାଇଥିଲା। ବିଦ୍ୟାଳୟ ପରିସରରେ ଜମି ରହିଥିବା ପାଣି ବାହାର ପଟର ନାଳରେ ଜମିବା ଯୋଗୁଁ ଏପରି ପରିସ୍ଥିତି ଉପୁଜିଥିଲା। ତେବେ ପାଣି ଜମିବା ପଛରେ ନିୟମିତ ନାଳ ନ ସଫାହେବା, ନାଳ ଜବରଦଖଲ ହେବା ମୁଖ୍ୟ କାରଣ ବୋଲି ଜଣାପଡ଼ିଛି।

# ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା

**ପାରଳାଖେମୁଣ୍ଡି, ୬।୯(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନରେ 'ଆଦି କର୍ମଯୋଗୀ ଅଭିଯାନ' କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଅଧ୍ୟକ୍ଷତା କରିଥିବା ବେଳେ ଆଦି କର୍ମଯୋଗୀ ଅଭିଯାନର ଜିଲ୍ଲା ପ୍ରଭାରୀ ସତୀଶ୍ କୁମାର ସିଂ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକା ପ୍ରମୁଖ ମଞ୍ଚାସୀନ ଥିଲେ। ଆଦି କର୍ମଯୋଗୀ ଅଭିଯାନରେ ଜିଲ୍ଲାର ୩୪୫ଟି ଜନଜାତି ବହୁଳ ଗ୍ରାମକୁ ସାମିଲ କରାଯାଇଥିବା ଆୟୋଜକ ଜିଲ୍ଲାପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ଅଭିଯାନର ମୂଳ ଉଦ୍ଦେଶ୍ୟ ତୃଣମୂଳ ସ୍ତରରେ ଜନଜାତୀୟ ଅଞ୍ଚଳରେ ସରକାରୀ ଯୋଜନା ଏବଂ ସୁବିଧାଗୁଡ଼ିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା। ଜିଲ୍ଲା ମାଷ୍ଟର ଟ୍ରେନର ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆର.ଉଦୟଗିରି, ଗୁମ୍ମା ଓ ରାୟଗଡ଼ ଉପସ୍ଥିତ ରହି ବିଭିନ୍ନ ସରକାରୀ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲାର ୭ ବ୍ଲକର ୫୫ ଜଣଙ୍କୁ ବ୍ଲକ ମାଷ୍ଟର ଟ୍ରେନର ଭାବରେ ତାଲିମ ଦିଆଯାଇଥିବା ବେଳେ ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ନୀତି ଆୟୋଗର କର୍ମକର୍ତ୍ତା ଯୋଗ ଦେଇଥିଲେ।



# ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ଭାବେ ମନେନ୍ଦ୍ର ସାର୍ ପୁରସ୍କୃତ



**ଜି.ଉଦୟଗିରି, ୬।୯(ସମିସ):** କନ୍ଧମାଳ ଜିଲ୍ଲା ପାବୁରିଆ ସ୍ଥିତ ଦୟାନନ୍ଦ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନେନ୍ଦ୍ର କୁମାର ସାମଲଙ୍କୁ ରାଜ୍ୟର ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ଭାବେ ପୁରସ୍କୃତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ମନେନ୍ଦ୍ର କୁମାର ସାମଲଙ୍କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଦ୍ୱାରା ସମ୍ମାନୀତ କରିଛନ୍ତି।

## ଜାତୀୟ ରାଜପଥ ବିଭାଗ ଲାଗି ଜୀବନ ଅଲୋଡ଼ା

# ବିନା ବ୍ୟାରିକେଡ୍‌ରେ ଚାଲିଛି ନିର୍ମାଣ କାମ



ଧରାକୋଟ, ୬।୯(ସମିସ)

ଢ଼ଉଗାଁ ଠାରୁ ଚିନ୍ନୁର ଜାତୀୟ ରାଜପଥ ୩୨୬ ର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। କାର୍ଯ୍ୟରେ ଅହେତୁକ ବିଳମ୍ବ ସାଙ୍ଗକୁ ଅତ୍ୟନ୍ତ ବେପରୁଆ ଓ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣକାରୀ ସଂସ୍ଥା ଜେନତେନ ପ୍ରକାରେ ବିଭାଗୀୟ ଅଧିକାରୀଙ୍କୁ ହାତ କରି ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛି। ଫଳରେ ସାଧାରଣ ଜନତାଙ୍କ ଜୀବନ ଏଠି ବାଜିରେ ଲାଗିଛି। ଏହି ରାସ୍ତା ନିର୍ମାଣ ବେଳେ କଲଭର୍ଟ ପାଇଁ ଗାତ ଖୋଳା ଯାଉଛି। ଗୋଟିଏ ପଟେ ଗାଡ଼ି ଯାତାୟାତ କରୁଥିବା ବେଳେ ଅନ୍ୟ ପଟରେ ଗଭୀର ଗର୍ତ୍ତ ରହିଥିଲେ ମଧ୍ୟ ଏହାକୁ ବ୍ୟାରିକେଡ଼ ସଠିକ ଭାବରେ ଦିଆଯାଉନାହିଁ। ଏଣୁ ରାତି ସମୟରେ ଏହି ରାସ୍ତାରେ ଗଲାବେଳେ ଦୁର୍ଘଟଣା ଘଟୁଛି। ଚାଳକମାନେ ଦୂରରୁ ଡାଇଭର୍ସନର ସଂକେତ ଦେଖିପାରୁନଥିବା ଯୋଗୁଁ ସିଧା ଗାତ ଭିତରେ ପଶି ଯାଉଛନ୍ତି। ଏପରି ଦୁଇଜଣ ବାଇକ୍ ଆରୋହୀ ପ୍ରାଣ ହରାଇଲେଣି। ଦୁଇଟି ଜୀବନ ଯିବାପରେ ମଧ୍ୟ ରାଜପଥ ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି। ନିର୍ମାଣକାରି ସଂସ୍ଥା ମଧ୍ୟ ବେପରୁଆ ଭାବରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଢଉଗାଁ ଠାରୁ ମାତ୍ର ଦୁଇ କିମି ପରେ ବାହାଡାଗୁଡା ଗାଁ ନିକଟରେ ଥିବା କାଳୁଆ ମନ୍ଦିର ନିକଟରେ ସମ୍ପ୍ରତି ଏକ କଲଭର୍ଟର ନିର୍ମାଣ କାର୍ଯ୍ୟ ଚାଲିଛି। ଗୋଟିଏ ପଟରେ ଗାଡ଼ି ଚଳାଚଳ କରୁଥିବା ବେଳେ ଅନ୍ୟପଟରେ ଗଭୀର ଗର୍ତ୍ତ ଖୋଳାଯାଇଛି। ହେଲେ ଏହାକୁ ସଠିକ ବ୍ୟାରିକେଡ଼ ଦିଆଯାଇନାହିଁ। ଫଳରେ ପୁଣି ଦୁର୍ଘଟଣା ଆଶଙ୍କା ଥିବାବେଳେ ଏଥିପ୍ରତି ବିଭାଗର ଅଧିକାରୀ କିମ୍ବା ଠିକା ସଂସ୍ଥାର ନିଘା ନାହିଁ। ଏଣୁ ଏଠି ସାଧାରଣ ଲୋକଙ୍କ ଜୀବନ ବାଜିରେ ଲାଗିଲା ଭଳି ମନେହେଉଛି। ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇପାରିନାହିଁ। ଏଣୁ ତୁରନ୍ତ ସରକାରୀ ସ୍ତରରେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୪ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ରାୟଗଡ଼, ୬।୯(ସମିସ):** ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ତିନି ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଶୁକ୍ରବାର ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ରାୟଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା, ନାରାୟଣପୁରର ସରକାରୀ ନୀଳମଣି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଈଶ୍ୱର ରାଓ ଗୁମ୍ମ, ରାଇକା ସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜୀବନାନନ୍ଦ ପ୍ରେମଚାନ୍ଦ ମାଳି ଓ ରାୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତୀ ନାୟକ। ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌରପରିଷଦ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲାପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଜିଲ୍ଲା ଶିକ୍ଷା ଏବଂ ତାଲିମ ପ୍ରତିଷ୍ଠାନର ପ୍ରଦୀପ ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରସ୍କୃତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଟିଡିସିସିଓଏଲ୍ ସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣିଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

